ଓଡ଼ିଶା-ମୋ ପରିବାର
All for each, each for all

ଓଡ଼ିଶା-ମୋ ପରିବାର
ନ୍ୟୁଜ୍‌ଲେଟର

ବର୍ଷ-୪ ■ ସଂଖ୍ୟା - ୩୬ ଡିସେମ୍ବର ୨୦୨୩

## ଭିତର ପୃଷ୍ଠାରେ


- ସେମିଳିଗୁଡ଼ାକୁ ମୃତଦେହ ସ୍ଥାନାନ୍ତର
- ସୁରାଟରୁ ଗଞ୍ଜାମକୁ ମୃତଦେହ ସ୍ଥାନାନ୍ତର

ପୃଷ୍ଠା-୨

- ଦିବ୍ୟାଙ୍ଗ ଭୁଗାନଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ
- ଦୁର୍ଘଟଣା ଗ୍ରସ୍ତ ବୃଦ୍ଧଙ୍କୁ ଚିକିତ୍ସାରେ ସହାୟତା

ପୃଷ୍ଠା-୩

- ଓଡ଼ିଶା-ମୋ ପରିବାର ଦ୍ୱାରା ଶେଷକୃତ୍ୟ ସଂପନ୍ନ
- ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର

ପୃଷ୍ଠା-୪

- କଟକରୁ ଦାରିଙ୍ଗବାଡ଼ିକୁ ମୃତଦେହ ସ୍ଥାନାନ୍ତର
- ହସ୍ପିଟାଲରୁ ନିଜଗାଁକୁ ମୃତଦେହ ସ୍ଥାନାନ୍ତର

ପୃଷ୍ଠା-୫

- ବାଲିଯାତ୍ରାରେ ଓଡ଼ିଶା-ମୋ ପରିବାର ସହାୟତା କେନ୍ଦ୍ର

ପୃଷ୍ଠା-୬

- ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

ପୃଷ୍ଠା-୭

- ଆପାତକାଳରେ ରକ୍ତଦାନ

ପୃଷ୍ଠା-୯

- 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ପୃଷ୍ଠା-୧୦

- ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ପୃଷ୍ଠା-୧୧

- ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ

ପୃଷ୍ଠା-୧୨

- ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା
- ଡିସେମ୍ବର ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

ପୃଷ୍ଠା-୧୩

...ପୃଷ୍ଠା-୨୦ ପର୍ଯ୍ୟନ୍ତ


# ଗତ ୨୦୨୩ରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ରକ୍ତ ୟୁନିଟ୍ ସଂଗ୍ରହ

## ଓଡ଼ିଶା-ମୋ ପରିବର ଦ୍ୱାରା ଆଉ ଏକ ମାଇଲଖୁଣ୍ଟ

ଓଡ଼ିଶା-ମୋ ପରିବାର ଏହାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୨୩ ମସିହାରେ ୧ ଲକ୍ଷ ରକ୍ତ ୟୁନିଟ୍ ର ମାଇଲଖୁଣ୍ଟ ହାସଲ କରିଛି । ଓଡ଼ିଶା-ମୋ ପରିବାର ଏହି ଧାର୍ଯ୍ୟ ଡିସେମ୍ବର ୨୯ ତାରିଖ ସୁଧା ପୂରଣ କରିପାରିଥିଲା । ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ, ଦଳୀୟ କର୍ମୀ, ରାଜ୍ୟର ସମସ୍ତ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ଇତ୍ୟାଦିଙ୍କ ଉତ୍ସର୍ଗୀକୃତ ଉଦ୍ୟମ ଯୋଗୁଁ ଲକ୍ଷ୍ୟ ରଖାଯାଇଥିବା ୧ ଲକ୍ଷ ୟୁନିଟ୍ ହାସଲ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ବର୍ଷ ମଧ୍ୟରେ ୧ ଲକ୍ଷ ରକ୍ତ ୟୁନିଟ୍ ସଂଗ୍ରହ କରିବାର ଲକ୍ଷ୍ୟ ନେଇ ୨୦୨୦ମସିହା ଅଗଷ୍ଟ ୯ ତାରିଖରେ ଓଡ଼ିଶା-ମୋ ପରିବାର ପୃଷ୍ଠପୋଷକତାରେ ଜୀବନବିନ୍ଦୁ କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରାଯାଇଥିଲା।

ଓଡ଼ିଶା-ମୋ ପରିବାର ତତ୍ତ୍ୱାବଧାନରେ ଜୀବନବିନ୍ଦୁ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ରାଜ୍ୟର ସମସ୍ତ ୫୬ଟି ରକ୍ତ ଭଣ୍ଡାରରେ ସଠିକ୍ ପରିମାଣର ରକ୍ତ ବଜାୟ ରଖିବା ପାଇଁ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରିବ । ଯଦ୍ୱାରା ଜରୁରୀକାଳୀନ ସମୟରେ ରକ୍ତର ଆବଶ୍ୟକତା ପୂରଣ ହୋଇପାରିବ ଏବଂ ମୂଲ୍ୟବାନ ଜୀବନ ବଞ୍ଚିପାରିବ ।

ଏହି ରକ୍ତ ସଂଗ୍ରହ କାର୍ଯ୍ୟକ୍ରମକୁ ସଫଳ କରିପାରିଥିବାରୁ ଓଡିଶା-ମୋ ପରିବାର ପକ୍ଷରୁ ସମସ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ଏବଂ ଅସହାୟ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେବା ଜାରି ରଖିବାକୁ ଲକ୍ଷ୍ୟ ରଖାଯାଇଛି ।

# ଅସହାୟ ପରିବାରକୁ ସହାୟତା

ଅନୁଗୁଳର ବାସିନ୍ଦା ପୂଜା ମୁଣ୍ଡା ସ୍ତ୍ରୀ ରୋଗରେ ପୀଡ଼ିତ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ ।

ଚିକିତ୍ସା ଚାଲିଥିବା ବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ସହିତ, ତାଙ୍କ ଭିନ୍ନକ୍ଷମ ସ୍ୱାମୀ ଏବଂ ଏକ ଶିଶୁପୁତ୍ର ବ୍ୟତୀତ ଅନ୍ୟ କେହି ନଥିଲେ । ପତ୍ନୀଙ୍କ ମୃତ୍ୟୁରେ ଦୁଃଖରେ ଭାଙ୍ଗି ପଡ଼ି ତାଙ୍କ ସ୍ୱାମୀ ଅସହାୟ ହୋଇଯାଇଥିଲେ ଏବଂ ଆର୍ଥିକ ଚାପରେ ଥିବାରୁ ମୃତଦେହ ସ୍ଥାନାନ୍ତର ପାଇଁ କୌଣସି ବ୍ୟବସ୍ଥା କରିପାରି ନଥିଲେ। ଏହି ଘଟଣା ଓଡ଼ିଶା ମୋ ପରିବାର-ଜୀବନବିନ୍ଦୁ କଟକ-ନଗର ସଂଯୋଜକ

ଅବଶିଷ୍ଟାଂଶ...ପୃଷ୍ଠା-୧୩



# ସେମିଳିଗୁଡ଼ାକୁ ମୃତଦେହ ସ୍ଥାନାନ୍ତର

ସେମିଳିଗୁଡ଼ାର ୩୪ବର୍ଷିୟ ରାଜୁ ମୁଦୁଲି ପାରିବାରିକ ସମସ୍ୟା ହେତୁ ବିଷ ପିଇ ଦେଇଥିଲେ ଏବଂ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

ଦୁର୍ଭାଗ୍ୟବଶତଃ, ଚିକିତ୍ସା ଚାଲିଥିବା ବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ରାଜୁଙ୍କ ବିୟୋଗରେ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ଏବଂ ଆର୍ଥିକ ଚାପରେ ଥିବାରୁ ସେମାନେ ମୃତଦେହ ସ୍ଥାନାନ୍ତର କରିବାକୁ ବିଧାୟକ ପୀତମ ପାଢୀଙ୍କ ସହଯୋଗ ଲୋଡ଼ିଥିଲେ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଶ୍ରୀ ପାଢୀ ସଙ୍ଗେସଙ୍ଗେ ବ୍ରହ୍ମପୁର ବିଧାୟକ ଶ୍ରୀ ବିକ୍ରମ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ପଣ୍ଡାଙ୍କ ପରାମର୍ଶ ଅନୁଯାୟୀ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶତପଥି ତୁରନ୍ତ ଏମ୍.କେ.ସି.ଜି ହସ୍ପିଟାଲରେ ପହଞ୍ଚି ପରିବାର ଲୋକଙ୍କୁ ଡାକ୍ତରଖାନାରେ ଆବଶ୍ୟକୀୟ ଔପଚାରିକତାରେ ସାହାଯ୍ୟ କରିଥିଲେ ଏବଂ ବିଧାୟକ ଶ୍ରୀ ପଣ୍ଡାଙ୍କ ସହାୟତାରେ ମୃତଦେହକୁ ଡାକ୍ତରଖାନାରୁ ସେମିଳିଗୁଡ଼ା ସ୍ଥିତ ତାଙ୍କ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରିଥିଲେ ।

# ସୁରାଟରୁ ଗଞ୍ଜାମକୁ ମୃତଦେହ ସ୍ଥାନାନ୍ତର

ଗଞ୍ଜାମ ଜିଲ୍ଲା ଗୋପାଳପୁରର ବାସିନ୍ଦା ରାଜାସାହେବ ସାହୁ ସୁରଟରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ଦୁର୍ଭାଗ୍ୟବଶତଃ , ହୃଦଘାତ ହେତୁ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ରାଜାସାହେବ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ। ତାଙ୍କ ଦେହାନ୍ତ ଖବର ଶୁଣି ପରିବାର ଲୋକେ ହତବାକ୍ ହୋଇ ପଡ଼ିଥିଲେ ଏବଂ ସେମାନେ ମୃତ ଶରୀରକୁ ଫେରାଇ ଆଣିବା ପାଇଁ ଆର୍ଥିକ ଚାପରେ ଥିଲେ । ଏହି ପ୍ରକ୍ରିୟାକୁ ସଂଯୋଜନା କରିବା ପାଇଁ ମଧ୍ୟ ସୁରଟରେ କୌଣସି ପରିବାର ସଦସ୍ୟ ନଥିଲେ, ତେଣୁ ସେମାନେ ବିଧାୟକ ଶ୍ରୀ ବିକ୍ରମ ପଣ୍ଡାଙ୍କର ସହାୟତା ଲୋଡ଼ିଥିଲେ।


ମୃତଦେହକୁ ହସ୍ତାନ୍ତର କରାଯିବା ବେଳେ ବିଧାୟକ ବିକ୍ରମ ପଣ୍ଡାଙ୍କ ସହିତ ଓଡ଼ିଶା-ମୋ ପରିବାର ଟିମ୍

ମୃତଦେହକୁ ଡାକ୍ତରଖାନାରୁ ଛାଡ଼ିବା ପାଇଁ ଶ୍ରୀ ପଣ୍ଡା ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ ଏବଂ ମୃତଦେହକୁ ସୁରଟରୁ ଗଞ୍ଜାମକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା ମଧ୍ୟ କରିଥିଲେ ।

ଶବ ବ୍ୟବଚ୍ଛେଦ ସମୟରେ ଶ୍ରୀ ପଣ୍ଡା ପରିବାର ସହିତ ଉପସ୍ଥିତ ରହି ଶେଷ ରୀତିନୀତି ସମୟରେ ସେମାନଙ୍କ ପାଖରେ ଛିଡ଼ା ହୋଇଥିଲେ।

# ଦିବ୍ୟାଙ୍ଗ ଭୁଗନଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ

କୋରାପୁଟର ୧୯ବର୍ଷିୟ ଭୁଗନ ଭୂମିୟା, ଯିଏ ଜନ୍ମରୁ ଜଣେ ଭିନ୍ନକ୍ଷମ, ତାଙ୍କର ଦୈନନ୍ଦିନ କାର୍ଯ୍ୟ କରିବାରେ ସେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେ ନିଜେ ବିଦ୍ୟାଳୟକୁ ଯିବାକୁ ଅସମର୍ଥ ଥିବାରୁ ତାଙ୍କର କିଛି ବନ୍ଧୁ ତାଙ୍କୁ ବିଦ୍ୟାଳୟକୁ ନେବାରେ ନବମ ଶ୍ରେଣୀ ପର୍ଯ୍ୟନ୍ତ ସାହାଯ୍ୟ କରୁଥିଲେ ।

ପରବର୍ତ୍ତୀ ସମୟରେ ତାଙ୍କ ବନ୍ଧୁମାନେ ସେହି ସ୍ଥାନ ଛାଡି ଚାଲିଯିବାରୁ, ଭୁଗନ ବିଦ୍ୟାଳୟକୁ ଯିବା ପାଇଁ ପୂର୍ବପରି ସମସ୍ୟାର ସମ୍ମୁଖୀନ ହେଲେ ଏବଂ ତାଙ୍କର ଅଧ୍ୟୟନ ଜାରି ରଖିପାରିଲେ ନାହିଁ । କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ ମଣ୍ଡଳ ଗଣମାଧ୍ୟମ ଜରିଆରେ ଭୁଗନଙ୍କ କରୁଣ କାହାଣୀ ବିଷୟରେ ଜାଣିବା ପରେ, ତୁରନ୍ତ ତାଙ୍କୁ ଭେଟିଥିଲେ। ସୂଚନା ଥାଉକି ବୈକୁଣ୍ଠ ହସ୍ପିଟାଲରେ ତାଙ୍କର ନିୟମିତ କର୍ତ୍ତବ୍ୟ ବ୍ୟତୀତ, ସର୍ବଦା ଲୋକଙ୍କୁ ସ୍ୱେଚ୍ଛାକୃତ ଭାବରେ ସାହାଯ୍ୟ କରିଆସୁଛନ୍ତି । ବୈକୁଣ୍ଠ ସଂପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରି ଭୁଗାନକୁ ଏକ ଟ୍ରାଇ- ସାଇକେଲ ପ୍ରଦାନ କରିଥିଲେ । ଟ୍ରାଇ- ସାଇକେଲ ଗ୍ରହଣ କରିବା ପରେ, ଭୁଗନ ଅତ୍ୟନ୍ତ ଖୁସି ହୋଇଥିଲେ ଏବଂ ତାଙ୍କୁ ତାଙ୍କର ଦୈନନ୍ଦିନ ଜୀବନ ସ୍ୱାଭାବିକ ଭାବରେ ବିତାଇ ପାରିବାକୁ ସକ୍ଷମ କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।



ହ୍ୱିଲ୍ ଚେୟାର ଗ୍ରହଣ କରୁଛନ୍ତି ଭୁଗାନ

# ଦୁର୍ଘଟଣା ଗ୍ରସ୍ତ ବୃଦ୍ଧଙ୍କୁ ଚିକିତ୍ସାରେ ସହାୟତା

ବାଲେଶ୍ୱର ଜିଲ୍ଲାର ୭୫ବର୍ଷିୟ ବାସିନ୍ଦା ବଙ୍ଗରା ସିଂ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ବାଲେଶ୍ୱରସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଆବଶ୍ୟକୀୟ ଜରୁରୀକାଳୀନ ଚିକିତ୍ସା ପରେ ଡାକ୍ତର ପରବର୍ତ୍ତୀ ଚିକିତ୍ସା ପାଇଁ ରୋଗୀଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ।



ରୋଗୀଙ୍କୁ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଡାକ୍ତରଖାନାରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ଶ୍ରୀ ମୃତ୍ୟୁଞ୍ଜୟ ମହାରଣା ଜରୁରୀକାଳୀନ ପରିସ୍ଥିତିରେ ରୋଗୀଙ୍କ ପାଖରେ ଉପସ୍ଥିତ ଥିଲେ ଏବଂ ପରେ ସେ ରୋଗୀଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିବା ପାଇଁ ପରିବାରକୁ ଆବଶ୍ୟକୀୟ ସାହାଯ୍ୟ କରିଥିଲେ। ପରେ ରୋଗୀଙ୍କୁ ଆବଶ୍ୟକୀୟ ସାହାଯ୍ୟ କରିବା ପାଇଁ କଟକ ବଡ଼ ମେଡ଼ିକାଲରେ ଥିବା ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ସନ୍ତୋଷ କଟକରେ ରୋଗୀଙ୍କୁ ଆବଶ୍ୟକୀୟ ସାହାଯ୍ୟ କରିଥିଲେ ।

# ଓଡ଼ିଶା-ମୋ ପରିବାର ଦ୍ୱାରା ଶେଷକୃତ୍ୟ ସଂପନ୍ନ

ଗଞ୍ଜାମ ଜିଲ୍ଲାର ଶ୍ରୀରାମନଗରର ୪୭ବର୍ଷିୟ ବାସିନ୍ଦା କୃଷ୍ଣ ଚନ୍ଦ୍ର ପରିଚା ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

ଦୁର୍ଭାଗ୍ୟବଶତଃ, ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଆର୍ଥିକ ଚାପରେ ଥିବା ପରିବାରବର୍ଗ ମୃତଦେହ ସ୍ଥାନାନ୍ତର କରିବା ପାଇଁ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଥିଲେ ।

ସେମାନଙ୍କ ବିଷୟରେ ଜାଣିବା ପରେ, ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଗିରିଜା ତୁରନ୍ତ ହସ୍ପିଟାଲରେ ପହଞ୍ଚି ବିଧାୟକ ଶ୍ରୀ ବିକ୍ରମ ପଣ୍ଡାଙ୍କ ସହଯୋଗରେ ଶେଷ ରୀତିନୀତି ପାଇଁ ମୃତଦେହକୁ ଶ୍ମଶାନକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ । ଶବଦାହ ସମୟରେ ଗିରିଜା ପରିବାର ସହିତ ଛିଡ଼ା ହୋଇଥିଲେ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା


ଶେଷ ରୀତିନୀତି ପାଇଁ ଶ୍ମଶାନରେ ଗିରିଜା ଉପସ୍ଥିତ

# ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର

କୋରାପୁଟର ୫୫ ବର୍ଷିୟ ବାସିନ୍ଦା ପ୍ରତାପ ଚନ୍ଦ୍ର ମଣ୍ଡଳ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଚିକିତ୍ସା ନିମନ୍ତେ ବିଶାଖାପାଟଣାସ୍ଥିତ ମେଡିକୋଭର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଦୁର୍ଭାଗ୍ୟବଶତଃ, ୪ଦିନ ଚିକିତ୍ସିତ ହେବା ପରେ ସେ ମୃତ୍ୟୁବରଣ କରିଥିଲେ । ହସ୍ପିଟାଲରେ କିଛି ବକେୟା ଦେୟ ରହି ଯାଇଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ମୃତଦେହକୁ ପରିବାରକୁ ହସ୍ତାନ୍ତର କରୁନଥିଲେ।


ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ପରିବାରବର୍ଗ ଆର୍ଥିକ ଚାପରେ ଥିବାରୁ ବିଧାୟିକା ଶ୍ରୀମତୀ ପଦ୍ମିନୀ ଦିଆନଙ୍କର ସହଯୋଗ ଲୋଡ଼ିଥିଲେ । ଘଟଣା ସମ୍ପର୍କରେ ଶ୍ରୀମତୀ ଦିଆନଙ୍କ ଠାରୁ ସୂଚନା ପାଇବା ପରେ, ଆମର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ପରିବାରବର୍ଗଙ୍କ ପାଖରେ ପହଞ୍ଚି ହସ୍ପିଟାଲରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ, ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

ପ୍ରକାଶ ମୃତଦେହ କୋରାପୁଟସ୍ଥିତ ତାଙ୍କ ଜନ୍ମସ୍ଥାନକୁ ଫେରିବା ପାଇଁ ଯାତାୟାତ ବ୍ୟବସ୍ଥା ମଧ୍ୟ କରିଥିଲେ ।

# କଟକରୁ ଦାରିଙ୍ଗବାଡ଼ିକୁ ମୃତଦେହ ସ୍ଥାନାନ୍ତର



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ରକ୍ତ କର୍କଟ ରୋଗରେ ପୀଡ଼ିତ ଦାରିଙ୍ଗିବାଡି ନିବାସୀ ସୁରେନ୍ଦ୍ର ବଡ଼ସେଠ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ରଥ ରୋଗୀଙ୍କୁ ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ଯୋଗାଇଦେବା ସହିତ ଜରୁରୀକାଳୀନ ସମୟରେ ରକ୍ତ ମଧ୍ୟ ଯୋଗାଡ଼ କରି ଦେଇଥିଲେ। ଦୁର୍ଭାଗ୍ୟବଶତଃ, ରୋଗୀ ବଞ୍ଚିପାରିଲେ ନାହିଁ।

ପରିବାରବର୍ଗ ଆର୍ଥିକ ଚାପରେ ଥିବାରୁ ମୃତ ଦେହକୁ ନିଜ ଜନ୍ମସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଓଡ଼ିଶା ରାଜ୍ୟ ବିହନ ନିଗମ ତଥା ବିଜୁ ଜନତା ଦଳ କନ୍ଧମାଳ ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀ ବିଜୟ ନାୟକଙ୍କର ସହଯୋଗ ଲୋଡ଼ିଥିଲେ। ଶ୍ରୀ ନାୟକ, କଟକ ସହର ଜୀବନବିନ୍ଦୁ ସଂଯୋଜକ ଡ଼ଃ ରଂଜନ ବିଶ୍ୱାଳଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ବିଶ୍ୱାଳ ହସ୍ପିଟାଲରେ ପହଞ୍ଚିଥିଲେ ଏବଂ ମୃତଦେହକୁ ମୃତକଙ୍କ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ।

ଏହି ସମସ୍ତ ପ୍ରକ୍ରିୟାକୁ ଆମର ହେଲ୍ପଡେସ୍କ ସହଯୋଗୀ, ସନ୍ଦୀପ ରଥ ଏବଂ ସନ୍ତୋଷ ଦାସ ସଂଯୋଜନା କରିଥିଲେ।

# ହସ୍ପିଟାଲରୁ ନିଜଗାଁକୁ ମୃତଦେହ ସ୍ଥାନାନ୍ତର

ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ କଟକର ବାସିନ୍ଦା ମମତା ଦଲାଇଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଦୁର୍ଭାଗ୍ୟବଶତଃ, ଚିକିତ୍ସା ସମୟରେ ରୋଗୀ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଶୋକସନ୍ତପ୍ତ ପରିବାରବର୍ଗ ଆର୍ଥିକ ଚାପରେ ଥିଲେ ଏବଂ ମୃତଦେହ ସ୍ଥାନାନ୍ତର କରିବା ପାଇଁ ଅସହାୟ ହୋଇ ପଡ଼ିଥିଲେ। ସ୍ୱେଚ୍ଛାସେବୀ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ଏହି ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ବିଜୁ ଜନତା ଦଳର କଟକ ଜିଲ୍ଲା ସଭାପତି ଶ୍ରୀ ଦେବାଶିଷ ସାମନ୍ତରାୟଙ୍କୁ ସହାୟତା ଯୋଗାଇବାକୁ ଅନୁରୋଧ କରିଥିଲେ।

ଶ୍ରୀ ସାମନ୍ତରାୟ ଓଡ଼ିଶା-ମୋ ପରିବାର ଜୀବନବିନ୍ଦୁ ସଂଯୋଜକ (କଟକ ସହର) ଶ୍ରୀ ରଂଜନ ବିଶ୍ୱାଳଙ୍କ ସହ ଆଲୋଚନା କରି ଡାକ୍ତରଖାନାରେ ପରିବାରକୁ ସହାୟତା କରିବା ପାଇଁ ତୁରନ୍ତ ପଦକ୍ଷେପ ନେଇଥିଲେ ।

ଡାକ୍ତରଖାନାରୁ ମୃତଦେହକୁ ସେମାନଙ୍କ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ଯାତାୟାତ ବ୍ୟବସ୍ଥା କରିଥିଲେ ଏବଂ ଏହି ପ୍ରକ୍ରିୟାକୁ ଆମର ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ରଥ ସଂଯୋଜନା କରିଥିଲେ ।

# ୨୦୨୩ ବାଲିଯାତ୍ରାରେ ଓଡ଼ିଶା-ମୋ ପରିବାର ସହାୟତା କେନ୍ଦ୍ର




ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆରେ
ଓଡ଼ିଶା-ମୋ ପରିବାର ସହାୟତା କେନ୍ଦ୍ର ଉଦଘାଟନ




ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆରେ ଓଡ଼ିଶା-ମୋ ପରିବାର
ଦ୍ୱାରା ସଚେତନତା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା



ଓଡ଼ିଶା-ମୋ ପରିବାର ପକ୍ଷରୁ ଭିନ୍ନକ୍ଷମ ପିଲାମାନଙ୍କୁ
କଟକ ବାଲିଯାତ୍ରା ପରିଦର୍ଶନ କରାଯିବା ସହିତ
ଏହାର ଭରପୁର ମଜା ନେବାପାଇଁ ସୁବିଧା କରାଯାଇଥିଲା




ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆରେ ବରିଷ୍ଠ ନାଗରିକଙ୍କୁ ଓଡ଼ିଶା- ମୋ ପରିବାର
ପକ୍ଷରୁ ହ୍ୱିଲଚେୟାର ସୁବିଧା ପ୍ରଦାନ କରାଯାଇଥିଲା



ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆରେ ଓଡ଼ିଶା- ମୋ ପରିବାର
ପକ୍ଷରୁ ପ୍ରାଥମିକ ଚିକିତ୍ସା ପ୍ରଦାନ

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିରଳ ଶ୍ରେଣୀର ରକ୍ତ ପ୍ରଦାନ


ସନ୍ଦୀପଙ୍କ ଠାରୁ ରକ୍ତ ଗ୍ରହଣ କରୁଛନ୍ତି ରୋଗୀଙ୍କ ଭାଇ

ରକ୍ତହୀନତା ରୋଗରେ ପୀଡିତ କଟକର ୬୩ ବର୍ଷୀୟ ମହମ୍ମଦ ନାସିମଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ରଥ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ। ରୋଗୀଙ୍କର ବିରଳ O-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହା ପରିବାର ଯୋଗାଡ଼ କରିବାରେ ଅସମର୍ଥ ହୋଇ ସନ୍ଦୀପଙ୍କର ସାହାଯ୍ୟ ଲୋଡ଼ିଥିଲେ । ସୂଚନା ପାଇବା ପରେ ସନ୍ଦୀପ ଉପଯୁକ୍ତ ସମୟରେ ରକ୍ତ ଯୋଗାଡ଼ କରି ଦେଇଥିଲେ ।

କାକଟପୁରର ୫୬ବର୍ଷିୟ ଅଶୋକ କୁମାର ଦୀକ୍ଷିତ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ସମ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ୍ ସହଯୋଗୀ ଶିବ ପ୍ରସାଦ ରାଉତ ଜରୁରୀକାଳୀନ ଚିକିତ୍ସା ଚାଲିଥିବା ସମୟରେ ରୋଗୀଙ୍କୁ ସହାୟତା ଯୋଗାଇ ଦେଇଥିଲେ ଏବଂ ସମଗ୍ର ଚିକିତ୍ସା ପ୍ରକ୍ରିୟାରେ ରୋଗୀଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଥିଲେ । ଏହି ସମୟରେ ବିରଳ B-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହା ପରିବାରବର୍ଗ ଯୋଗାଡ଼ କରି ନପାରି ଶିବଙ୍କର ସହଯୋଗ ଲୋଡ଼ିଥିଲେ । ଶିବ ସଙ୍ଗେସଙ୍ଗେ ରୋଗୀଙ୍କ ପାଇଁ ଏକ ରକ୍ତଦାତା ଯୋଗାଡ଼ କରି ଦେଇଥିଲେ ।


ରକ୍ତଦାତା ରକ୍ତଦାନ କରୁଛନ୍ତି


ରୋଗୀଙ୍କ ସହିତ ହେଲ୍ପଡେ଼ସ୍କ ସହଯୋଗୀ ସୋମନାଥ

ହୃଦରୋଗ ଜନିତ ସମସ୍ୟାରେ ପୀଡ଼ିତ ଭଦ୍ରକ ଜିଲ୍ଲାର ୧୨ବର୍ଷୀୟ ବାସିନ୍ଦା ବରୁଣ ମହାନ୍ତିଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଥିଲା

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ରୋଗୀଙ୍କ ପାଖରେ ଉପସ୍ଥିତ ରହି ତାଙ୍କୁ ଆଡମିଶନ ସମୟରେ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ । ରୋଗୀଙ୍କର ଅସ୍ତ୍ରୋପଚାର ଚାଲିଥିବା ସମୟରେ ବିରଳ O-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହା ପରିବାରବର୍ଗ ଯୋଗାଡ଼ କରିବାରେ ଅସମର୍ଥ ହୋଇ ସୋମନାଥଙ୍କର ସହଯୋଗ ଲୋଡ଼ିଥିଲେ । ସୂଚନା ପାଇବା ପରେ ରୋଗୀଙ୍କ ପାଇଁ ଉପଯୁକ୍ତ ସମୟରେ ସୋମନାଥ ରକ୍ତ ଯୋଗାଡ଼ କରି ଦେଇଥିଲେ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ସହାୟତା


ଚିକିତ୍ସାଧୀନ ଅବସ୍ଥାରେ ରୋଗୀ

ସ୍ତ୍ରୀ ରୋଗରେ ପୀଡିତ କୋରାପୁଟର ୫୫ ବର୍ଷୀୟ ତାରା ମହାନନ୍ଦିଆଙ୍କୁ ବିଶାଖାପାଟଣାସ୍ଥିତ ଅନୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଆଡ଼ମିଶନ ସମୟରେ ରୋଗୀକୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ଚିକିତ୍ସା ଚାଲିଥିବା ସମୟରେ ସେ ରୋଗୀଙ୍କୁ ସମସ୍ତ ସାହାଯ୍ୟ କରିଥିଲେ ଏବଂ ରୋଗୀ ପାଇଁ ଆବଶ୍ୟକୀୟ ରକ୍ତ ୟୁନିଟ୍ ମଧ୍ୟ ବ୍ୟବସ୍ଥା କରିଥିଲେ । ରୋଗୀ ସୁସ୍ଥ ହୋଇ ଡିସଚାର୍ଜ ହେବା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝୁଥିଲେ।

କିଡ଼ନୀ ରୋଗରେ ପୀଡ଼ିତ ଜଗତସିଂହପୁର ଜିଲ୍ଲାର ୬୭ବର୍ଷୀୟ ବାସିନ୍ଦା ସୌରଭ ରଂଜନ ତ୍ରିପାଠୀ ଭୁବନେଶ୍ୱରର ସମ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଶିବ ପ୍ରସାଦ ରାଉତ୍ ରୋଗୀଙ୍କ ପାଖରେ ଉପସ୍ଥିତ ରହି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜ ପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିବା ସହିତ ଆଡ଼ମିଶନ ପ୍ରକ୍ରିୟାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ରୋଗୀଙ୍କୁ ଡାଏଲିସିସ୍ କରିବାକୁ ପରାମର୍ଶ ଦିଆଯାଇଥିବାରୁ ଶିବ ରୋଗୀ ପାଇଁ ଆବଶ୍ୟକୀୟ ରକ୍ତ ବ୍ୟବସ୍ଥା କରିଥିଲେ ଏବଂ ରୋଗୀ ସୁସ୍ଥ ହୋଇ ଡିସଚାର୍ଜ ହେବା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝୁଥିଲେ।



ଚିକିତ୍ସାଧୀନ ଅବସ୍ଥାରେ ରୋଗୀ


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ହିମାଂଶୁ

କିଡନୀ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ କଳାହାଣ୍ଡି ଜିଲ୍ଲା ନୂଆଗାଁ ଅଞ୍ଚଳର ୫୦ବର୍ଷୀୟ ବାସିନ୍ଦା କୁବେର ଗହିର ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶ ନେବାରେ ସାହାଯ୍ୟ କରିବା ସହିତ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ପରବର୍ତ୍ତୀ ଚିକିତ୍ସା ପାଇଁ ରୋଗୀଙ୍କୁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ରେଫର୍ କରାଯାଇଥିଲା । ହିମାଂଶୁ ରୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ଏବଂ ରୋଗୀକୁ ସେଠାରେ ସହାୟତା ଯୋଗାଇ ଦେବା ପାଇଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀଙ୍କ ସହ ସମନ୍ୱୟ ରକ୍ଷା କରିଥିଲେ ।

# ଆପାତକାଳରେ ରକ୍ତଦାନ




ଭୁବନେଶ୍ୱର ଏମ୍ସରେ ଜଣେ କର୍କଟ ରୋଗୀଙ୍କ ପାଇଁ ଏସ୍.ଡି.ପି. ରକ୍ତଦାତା ଯୋଗାଡ଼



ଭବାନୀପାଟଣା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼



ହାଇ-ଟେକ୍ ହସ୍ପିଟାଲ୍‌ରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼



ଭୁବନେଶ୍ୱର ଏମ୍ସରେ ଜଣେ ରୋଗୀଙ୍କର ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼



କ୍ୟାପିଟାଲ୍ ହସ୍ପିଟାଲରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼



କେୟାର ହସ୍ପିଟାଲରେ ରୋଗୀଙ୍କର ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼



ସମ୍ ହସ୍ପିଟାଲରେ ରୋଗୀଙ୍କର ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼




ସମ୍ ହସ୍ପିଟାଲରେ ରୋଗୀଙ୍କର ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼



ସମ୍ ହସ୍ପିଟାଲରେ ରୋଗୀଙ୍କର ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼

# 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ଓଡିଶା- ମୋ ପରିବାର, 'ଜୀବନବିନ୍ଦୁ' ମାଧ୍ୟମରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରି ଡାକ୍ତରଖାନାରେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ସମସ୍ତ ବ୍ଲଡ଼ ବ୍ୟାଙ୍କରେ ସଠିକ୍ ଷ୍ଟକ୍ ବଜାୟ ରଖୁଛି । ବ୍ଲଡ଼ ବ୍ୟାଙ୍କଗୁଡିକର କ୍ଷମତା, ବର୍ତ୍ତମାନର ଷ୍ଟକ୍ ଏବଂ ଆବଶ୍ୟକତାକୁ ବିଚାରକୁ ନେଇ ଡିସେମ୍ବର ମାସରେ ସମୁଦାୟ **୧୭୨୬୬** ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।




ଜିଲ୍ଲା ସ୍ତରୀରେ ରକ୍ତ ସଂଗ୍ରହ




## ଶ୍ରେଷ୍ଠ ପ୍ରଦର୍ଶନକାରୀ
ଜିଲ୍ଲା ସଂଯୋଜକ
ଡିସେମ୍ବର ୨୦୨୩



ଶ୍ରୀ ବିମଳ ଚନ୍ଦ୍ର ଦାସ
ଯାଜପୁର-୩୧୮୩ ୟୁନିଟ୍



ଶ୍ରୀ ଶୁଭେନ୍ଦୁ ମଙ୍ଗରାଜ
ବାଲେଶ୍ୱର-୧୫୩୦ ୟୁନିଟ୍



ଶ୍ରୀ ରଞ୍ଜନ ବିଶ୍ୱାଳ
କଟକ ନଗର-୧୩୪୫ ୟୁନିଟ୍

## ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ


ସଠିକ୍ ସମୟରେ ଯୋଗାଇ ଦିଆଯାଇଥିବା ରକ୍ତ ମୂଲ୍ୟବାନ ଜୀବନ ରକ୍ଷା କରେ । ଓଡ଼ିଶା-ମୋ ପରିବାର ଏହାର "ବ୍ଲଡ୍ ପାଇଁ ଡାଏଲ୍/ଟ୍ୱିଟ" ଇ-ସର୍ଭିସ ପ୍ଲାଟଫର୍ମ ଜରିଆରେ ରକ୍ତ ପାଇଁ ଆସୁଥିବା ଅନୁରୋଧକୁ ଡିଜିଟାଲ ଫୋରମ ମାଧ୍ୟମରେ ପୂରଣ କରୁଛି । ଗତ ଡିସେମ୍ବର ମାସରେ 'ଓଡ଼ିଶା-ମୋ ପରିବାର' ଜରୁରୀକାଳୀନ ପରିସ୍ଥିତିରେ ୧୮୫ ଜଣଙ୍କୁ ରକ୍ତ ଯୋଗାଇ ଦେଇଛି । ଯେଉଁମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ ଦୁର୍ଲଭ ରକ୍ତ ଯୋଗାଇ ଦିଆଯାଇଛି ।

| କ୍ର.ସଂଖ୍ୟା | ରୋଗୀଙ୍କ ନାମ | ବୟସ | ପ୍ରଦାନ କରାଯାଇଥିବା ରକ୍ତ ୟୁନିଟ୍ | ଗ୍ରୁପ୍ | ସ୍ଥାନ |
|---|---|---|---|---|---|
| ୧ | ଅନ୍ନପୂର୍ଣ୍ଣା ରାଉତ | ୪୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | B- | ଏସ୍.ସି.ବି. ମେଡ଼ିକାଲ, କଟକ |
| ୨ | ମାନସୀ ସ୍ୱାଇଁ | ୨୪ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏମ୍.କେ.ସି.ଜି. ବ୍ରହ୍ମପୁର |
| ୩ | କ୍ଷିତୀଶ କୁମାର ପଲାଇ | ୮ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି. ମେଡ଼ିକାଲ, କଟକ |
| ୪ | କୁନି ଜେନା | ୨୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି. ମେଡ଼ିକାଲ, କଟକ |
| ୫ | ରୋଜାଲିନ ଭୂୟାଁ | ୭୩ ବର୍ଷ | ୨ ୟୁନିଟ୍ ରକ୍ତ ପ୍ରଦାନ | B- | ଏମସ୍, ଭୁବନେଶ୍ୱର |
| ୬ | ଶାନ୍ତିଲତା ଦାସ | ୧୨ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭୁବନେଶ୍ୱର |
| ୭ | ବରୁଣ ମହାନ୍ତି | ୬୩ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ଏମସ୍, ଭୁବନେଶ୍ୱର |
| ୮ | ମହମ୍ମଦ ନସିମ୍ | ୫୪ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ଏସ୍.ସି.ବି. ମେଡ଼ିକାଲ, କଟକ |
| ୯ | ଜରିନା ବେଗମ | ୮୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ଏସ୍.ସି.ବି. ମେଡ଼ିକାଲ, କଟକ |
| ୧୦ | ମମତା ପାଲ | ୫୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି. ମେଡ଼ିକାଲ, କଟକ |
| ୧୧ | ସୁଷମା ମହାନ୍ତି | ୭୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି. ମେଡ଼ିକାଲ, କଟକ |
| ୧୨ | ହରିହର ମହାନ୍ତି | ୮୫ ବର୍ଷ | ୨ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି. ମେଡ଼ିକାଲ, କଟକ |
| ୧୩ | ଗୋପବନ୍ଧୁ ଦାସ | ୪୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏମ୍.କେ.ସି.ଜି. ବ୍ରହ୍ମପୁର |
| ୧୪ | ଚୁନି ମହାପାତ୍ର | ୫୩ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏମ୍.କେ.ସି.ଜି. ବ୍ରହ୍ମପୁର |
| ୧୫ | ସୁଲୋଚନା ବେହେରା | ୬୭ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | B- | ଏସ୍.ସି.ବି. ମେଡ଼ିକାଲ, କଟକ |
| ୧୬ | ପିରି ଓରାମ | ୨୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ସ୍ୱର୍ଣ୍ଣ ହସ୍ପିଟାଲ, ଭୁବନେଶ୍ୱର |
| ୧୭ | ଶୈଳବାଳା ଦାସ | ୪୪ ର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର |
| ୧୮ | କନକଲତା ସାମଲ | ୩୬ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | ସଂଜିବନୀ ହସ୍ପିଟାଲ, ଭୁବନେଶ୍ୱର |



# ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ


ପୂର୍ବରୁ


ପରେ

୧ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ୧୩ବର୍ଷିୟା ଝିଅ କିରଣ ବେହେରା ଜନ୍ମରୁ ଦିବ୍ୟାଙ୍ଗ, ତାଙ୍କ ବାମ ହାତର ପାପୁଲି ନାହିଁ । କିନ୍ତୁ ମନରେ ଚିତ୍ରାଙ୍କନ, ନୃତ୍ୟ ଓ ଟାଇକୋଣ୍ଡୋ ପ୍ରତି ଉତ୍ସାହ ଭରି ରହିଛି । ସେ ଏହି ସବୁକୁ ଶିଖିବା ପାଇଁ ତାଲିମ ମଧ୍ୟ ନେଉଛନ୍ତି । ଆଗରୁ ଦୁଇ ଦୁଇଥର ବିଭିନ୍ନ ଶିବିରରୁ କୃତ୍ରିମ ହାତ ଲଗାଇଥିଲେ ସୁଦ୍ଧା ସମୟକ୍ରମେ ସେଗୁଡ଼ିକ ନଷ୍ଟ ହୋଇଯାଇଥିଲା । ତାଙ୍କ ଘର ପାଖରେ ଏକ ସଚେତନତା ଶିବିରରୁ ସେ ଓଡ଼ିଶା-ମୋ ପରିବାର ପକ୍ଷରୁ କୃତ୍ରିମ ଅଙ୍ଗ ଯୋଗାଣ ସମ୍ପର୍କରେ ଖବର ପାଇବା ପରେ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାରର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଏକ କୃତ୍ରିମ ହାତ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା ଏବଂ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି  ତାଙ୍କୁ କୃତ୍ରିମ ହାତ ଯୋଗାଇ ଦିଆଯାଇଥିଲା ।

୨ କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳର ୫୨ ବର୍ଷିୟ ଜଣେ ଦିନ ମଜୁରିଆ ଭରତ ଚନ୍ଦ୍ର ବାଇ ଯାହାଙ୍କ ଫାଇଲେରିଆରେ ଡାହାଣ ଗୋଡ଼ଟି ସଂକ୍ରମଣ ହୋଇଥିବାରୁ ଡାକ୍ତରଙ୍କର ପରାମର୍ଶରେ ତାଙ୍କ ଗୋଡ଼ଟିକୁ ଅପରେସନ କରି କଟା ଯାଇଥିଲା ଏବଂ ପରବର୍ତ୍ତି ସମୟରେ ସେ ତାଙ୍କୁ ଏକ କୃତ୍ରିମ ଗୋଡ଼ ଯୋଗାଇ ଦେବାକୁ ସ୍ଥାନୀୟ ବିଧାୟକ ଶ୍ରୀ ପ୍ରଶାନ୍ତ ବେହେରାଙ୍କୁ ନିବେଦନ କରିଥିଲେ। ଶ୍ରୀ ବେହେରା ଓଡ଼ିଶା-ମୋ ପରିବାରକୁ ଏହି ବିଷୟରେ ଜଣାଇବା ପରେ ଓଡ଼ିଶା-ମୋ ପରିବାର ତରଫରୁ ଭରତଙ୍କୁ ଯୋଗାଯୋଗ କରାଯାଇ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଥିଲା ।


ପୂର୍ବରୁ


ପରେ

# ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା

କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ, ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଳିତ ଭାବରେ ଓଡ଼ିଶା ମୋ ପରିବାର ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ରେଫର୍ ହୋଇଥିବା କର୍କଟ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଡାକ୍ତରଖାନାରେ କାଗଜପତ୍ର ପ୍ରକ୍ରିୟାରେ ସହାୟତା, ଚିକିତ୍ସା ପାଇଁ ଆଭ୍ୟନ୍ତରୀଣ ସମନ୍ୱୟ ରକ୍ଷା କରିବା ସହିତ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଡାକ୍ତରଖାନା ନିକଟରେ ସୁଲଭ ମୂଲ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଇ ଦେଇଥାଏ ।

ସେମାନଙ୍କ ମଧ୍ୟରୁ, ପାକସ୍ଥଳୀ କର୍କଟରେ ପୀଡ଼ିତ ଅମୀୟ ପାଣି ଏବଂ ବଲ୍ଲଭ ନାୟକ ତଥା ସ୍ତନ କର୍କଟରେ ପୀଡ଼ିତ ଅନିତା ଗୁପ୍ତାଙ୍କୁ ନୂତନ ପଞ୍ଜିକରଣ, ଡାକ୍ତରଙ୍କ ପରାମର୍ଶରେ ଏବଂ ଆବଶ୍ୟକୀୟ ବିଭିନ୍ନ ଡାକ୍ତରୀ ପରୀକ୍ଷାରେ ଆମ ସ୍ୱେଚ୍ଛାସେବୀମାନେ ସହାୟତା ପ୍ରଦାନ କରିଥିଲେ ।

ଗତ ଡିସେମ୍ବର ମାସରେ ଓଡ଼ିଶା-ମୋ ପରିବାର **୩୬** ଜଣ କର୍କଟ ରୋଗୀଙ୍କୁ ସହାୟତା କରିଥିଲା ତନ୍ମଧ୍ୟରୁ **୧୩** ଜଣ କର୍କଟ ରୋଗୀଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲକୁ ରେଫର୍ କରାଯାଇଥିଲା ।

ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ କାର୍ଯ୍ୟରତ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଛନ୍ତି ଏବଂ ସେମାନଙ୍କୁ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।




କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୁଧାସ୍ମିତା ବେହେରାଙ୍କୁ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ତରଫରୁ କୃତ୍ରିମ କେଶ ପ୍ରଦାନ କରାଯାଇଥିଲା ।

## ଡିସେମ୍ବର ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

ସନ୍ଦୀପ ରଥ



ରାଜ୍ୟର ପ୍ରମୁଖ ଡାକ୍ତରଖାନା ଗୁଡ଼ିକରେ ଅବସ୍ଥାପିତ ହେଲ୍ପଡେସ୍କ ସହଯୋଗୀ ମାନେ ହେଉଛନ୍ତି ସଂଗଠନର ଆଗଧାଡ଼ିର କର୍ମଚାରୀ, ଯେଉଁମାନେ ଡାକ୍ତରଖାନା ଗୁଡ଼ିକରେ ଅଭାବୀ ଲୋକମାନଙ୍କୁ ସାହାଯ୍ୟ କରି ସଂଗଠନର ଦୃଷ୍ଟିକୋଣ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେବା ବ୍ୟତୀତ ସେମାନେ ରୋଗୀ ଏବଂ ତାଙ୍କ ପରିବାର ସଦସ୍ୟମାନଙ୍କୁ ସେମାନଙ୍କ କଠିନ ସମୟରେ ନୈତିକ ସହାୟତା ପ୍ରଦାନ କରନ୍ତି । କଟକ ବଡ଼ ମେଡ଼ିକାଲରେ ଓଡ଼ିଶା-ମୋ ପରିବାର ତରଫରୁ ନିୟୋଜିତ ହୋଇଥିବା ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ରଥଙ୍କୁ ଗତ ଡିସେମ୍ବର ମାସର "ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ" ଭାବରେ ବିବେଚିତ କରାଯାଇଛି।

*ପୃଷ୍ଠା-୧ ର ଅବଶିଷ୍ଟାଂଶ*

## ଅସହାୟ ପରିବାର...

ଶ୍ରୀ ରଂଜନ ବିଶ୍ୱାଳଙ୍କ ନଜରକୁ ଆସିଥିଲା । ତୁରନ୍ତ ଶ୍ରୀ ବିଶ୍ୱାଳ ମୃତଦେହକୁ ଡାକ୍ତରଖାନାରୁ ମୃତକଙ୍କ ଜନ୍ମସ୍ଥାନ ଅନୁଗୋଳକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରିଥିଲେ।

ଓଡ଼ିଶା-ମୋ ପରିବାର କଟକ ବଡ଼ ମେଡ଼ିକାଲ ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ଏବଂ ସନ୍ତୋଷ ଏଥିରେ ସମସ୍ତ ପ୍ରକାର ସଂଯୋଜନା କରିଥିଲେ । ମୃତବ୍ୟକ୍ତିଙ୍କ ସ୍ୱାମୀ ତାଙ୍କର ଏହିଭଳି ଦୁଃଖ ସମୟରେ ତାଙ୍କ ପାଖରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତୁଲାଇଥିବାରୁ କୃତଜ୍ଞତା ଜଣାଇଥିଲେ।





# ଜୀବନବିନ୍ଦୁ କାର୍ଯ୍ୟକ୍ରମ

## “କରିବା ରକ୍ତଦାନ ବଞ୍ଚାଇବା ଜୀବନ”


ଯାଜପୁର


ବାଲେଶ୍ୱର


କଟକ


ଗଞ୍ଜାମ


ବରଗଡ଼


କେନ୍ଦୁଝର


ଝାରସୁଗୁଡ଼ା


ଢେଙ୍କାନାଳ


କେନ୍ଦ୍ରାପଡ଼ା


ଭୁବନେଶ୍ୱର


ଜଗତସିଂହପୁର


ଅନୁଗୋଳ


କଳାହାଣ୍ଡି


ପୁରୀ


ମୟୂରଭଞ୍ଜ



# ଜୀବନବିନ୍ଦୁ କାର୍ଯ୍ୟକ୍ରମ

## "କରିବା ରକ୍ତଦାନ ବଞ୍ଚାଇବା ଜୀବନ"


ନୟାଗଡ଼


ସମ୍ବଲପୁର


ଭଦ୍ରକ


ନୂଆପଡ଼ା


ଖୋର୍ଦ୍ଧା


ସୁବର୍ଣ୍ଣପୁର


ରାଉରକେଲା


ବଲାଙ୍ଗିର


ନବରଙ୍ଗପୁର


ରାୟଗଡ଼ା


କନ୍ଧମାଳ


ସୁନ୍ଦରଗଡ଼


ଗଜପତି


କୋରାପୁଟ



ବୌଦ୍ଧ

# ସାମାଜିକ ଡିଜିଟାଲ ଗଣମାଧ୍ୟମରେ ଓଡ଼ିଶା-ମୋ ପରିବାର

Biju Janata Dal
@bjd_odisha · Follow

ରକ୍ତାଭାବ ଦୂର କରି ଲୋକଙ୍କ ଜୀବନ ରକ୍ଷା କ୍ଷେତ୍ରରେ ଆନ୍ଦୋଳନର ରୂପ ନେଉଛି @MoParivarOdisha @jibanbindu କାର୍ଯ୍ୟକ୍ରମ। ପ୍ରତିଟି ଜୀବନ ମୂଲ୍ୟବାନ ମନ୍ତ୍ର ଆଧାରରେ ଦଳ ପକ୍ଷରୁ ବଡ଼ଚଣାଠାରେ ଆୟୋଜିତ ରକ୍ତଦାନ ଶିବିରରେ ୧୫୦୮ ୟୁନିଟ ରକ୍ତ ସଂଗ୍ରହ ହେବା ମହତ ବାର୍ତ୍ତା ଦେଉଛି। #OdishaCares ସୌ ସକାଳ


ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୧୫୦୮ ୟୁନିଟ୍ ରକ୍ତ ସଂଗୃହୀତ

Biju Janata Dal
@bjd_odisha · Follow

ଅସହାୟଙ୍କୁ ସହାୟ ହେଉଛି 'ଓଡ଼ିଶା-ମୋ ପରିବାର'। ଦୁର୍ଘଟଣାରେ ଗୋଡ଼ ହରାଇ ଦୀର୍ଘଦିନରୁ କଷ୍ଟରେ ଚଳୁଥିବା ନିମାପଡ଼ା ଅଞ୍ଚଳର ଜଗନ୍ନାଥ ଛାଟୋଇଙ୍କୁ @MoParivarOdisha ପକ୍ଷରୁ କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଛି। ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ @Naveen_Odisha ଙ୍କ ସେବା ମନ୍ତ୍ର ପ୍ରତିଟି ଜୀବନରେ ଖୁସି ଭରୁଛି। #OdishaMoParivar


ସହାୟ ହେଲା 'ଓଡ଼ିଶା-ମୋ ପରିବାର'
ଜଗନ୍ନାଥଙ୍କ ଶରୀରରେ ଲାଗିଲା କୃତ୍ରିମ ଗୋଡ଼
ଭିନ୍ନକ୍ଷମଙ୍କୁ କୃତ୍ରିମଗୋଡ଼ ପ୍ରଦାନ

Biju Janata Dal
@bjd_odisha · Follow

ରକ୍ତାଭାବ ଦୂର କରି ଲୋକଙ୍କ ଜୀବନ ରକ୍ଷା କ୍ଷେତ୍ରରେ ଆନ୍ଦୋଳନର ରୂପ ନେଉଛି @MoParivarOdisha @jibanbindu କାର୍ଯ୍ୟକ୍ରମ। ପ୍ରତିଟି ଜୀବନ ମୂଲ୍ୟବାନ ମନ୍ତ୍ର ଆଧାରରେ ଦଳ ପକ୍ଷରୁ ବଡ଼ଚଣାଠାରେ ଆୟୋଜିତ ରକ୍ତଦାନ ଶିବିରରେ ୧୫୦୮ ୟୁନିଟ ରକ୍ତ ସଂଗ୍ରହ ହେବା ମହତ ବାର୍ତ୍ତା ଦେଉଛି। #OdishaCares ସୌ ସକାଳ


ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୧୫୦୮ ୟୁନିଟ୍ ରକ୍ତ ସଂଗୃହୀତ

ଶାସକ ପ୍ରଶାସକ
SHASAK PRASHASAK

ବିଏସକେୱାଇ ବଞ୍ଚାଇଲା ପରେଶଙ୍କ ଜୀବନ: ସହଯୋଗର ସେତୁ ସାଜିଲା ଓଡ଼ିଶା-ମୋ ପରିବାର

09 DECEMBER 2023 · HITS: 353 · RATING



ଭୁବନେଶ୍ୱର : ମୁଣ୍ଡରେ ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ଦେଲେ କେନ୍ଦ୍ରାପଡ଼ାର ପରେଶ, ଅର୍ଥ ଅଭାବରୁ ଅସ୍ତ୍ରୋପଚାର କରି ନ ପାରି ଛଟପଟ ହେଉଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅସ୍ତ୍ରୋପଚାର ସଫଳ ହେବା ପରେ ସୁସ୍ଥ ହୋଇ ପ୍ରଥମେ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀଙ୍କୁ । ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ହିତାଧିକାରୀ ପରେଶଙ୍କ ମଧ୍ୟରେ ସେତୁ ସାଜିଲା ଓଡ଼ିଶା-ମୋ ପରିବାର ।




ତିନି ଜଣ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେଲା ଓଡ଼ିଶା ମୋ ପରିବାର | **NandighoshaTV**

ସମ୍ବାଦ
SAMBAD ENGLISH

HOME · ODISHA · STATE · AGRAYODHI 2024 · POLITICS · CRIME · ENTERTAINM

## Odisha-Mo Parivar Collects 1 Lakh Units Of Blood Under Jeevan Bindu Programme

Sambad English Bureau — Published On: Dec 28, 2023 at 10:03 PM · ODISHA LATEST


© Pic for Representation

Bhubaneswar: Odisha-Mo Parivar has collected as many as 1 lakh units of blood under the Jeevan Bindu Programme this year.

Odisha-Mo Parivar has collected the blood by organizing blood donation camps across the state throughout the year, said a release issued by the outfit today.

ZEE ଓଡ଼ିଶା NEWS

## Jeevan Bindu Odisha: ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତ ବର୍ଷ ୧ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ




Odisha-Mo Parivar: ଓଡ଼ିଶା-ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତ ବର୍ଷ ସମୁଦାୟ ୧ ଲକ୍ଷ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ବର୍ଷ ତମାମ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଥିବା ରକ୍ତଦାନ ଶିବିର ମାଧ୍ୟମରେ ଏହି ସଫଳତା ହାସଲ ହୋଇପାରିଛି।

ଯେପରି ରକ୍ତ ବିନା କୌଣସି ଓଡ଼ିଆଙ୍କ ଜୀବନ ବିପଦରେ ପଡ଼ିବ ନାହିଁ ତାହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି। ତାଙ୍କ ନେତୃତ୍ୱରେ ଗତ ୨୦୨୦ ଅଗଷ୍ଟ ୯ ତାରିଖରେ "ଜୀବନବିନ୍ଦୁ" କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିପାଇଁ ପ୍ରତିବର୍ଷ ରାଜ୍ୟବ୍ୟାପୀ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ସମଗ୍ର ରକ୍ତ ଭଣ୍ଡାରରେ ଆବଶ୍ୟକୀୟ ଷ୍ଟକ ବଜାୟ ରହିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। "ଜୀବନବିନ୍ଦୁ" ମାଧ୍ୟମରେ ବର୍ଷ ତମାମ ରକ୍ତଦାନ ଶିବିର ଆୟୋଜନ କରି ବିଗତ ଦିନରେ ଏକ ମାଇଲଖୁଣ୍ଟ ହାସଲ ମଧ୍ୟ କରିଥିଲା।

KANAK NEWS

'ଓଡ଼ିଶା ମୋ ପରିବାର' ର ମହତ୍ତ୍ୱ କାର୍ଯ୍ୟ । ୩ ଭିନ୍ନକ୍ଷମଙ୍କୁ ଯୋଗାଇଦେଲେ କୃତ୍ରିମ ଅଙ୍ଗ





# ଆପଣଙ୍କ ମୁହଁରୁ

ମୋ ଭାଇ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ତାଙ୍କ ଚିକିତ୍ସା ଚାଲିଥିବା ସମୟରେ ରକ୍ତର ଜରୁରୀ ଆବଶ୍ୟକତା ଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବୈକୁଣ୍ଠଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋ ଭାଇଙ୍କ ପାଇଁ ଉପଯୁକ୍ତ ସମୟରେ ଏକ ୟୁନିଟ୍ ରକ୍ତ ଯୋଗାଡ଼ କରି ଦେଇଥିଲେ ।



ଦେବରାଜ ଭତ୍ରା
କୋରାପୁଟ, 7847062351

ମୋ ଭାଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ବେଳେ O-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା, ଯାହା ମୁଁ ଯୋଗାଡ଼ କରିପାରିନଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସନ୍ଦୀପଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ଚିକିତ୍ସା ଚାଲିଥିବା ସମୟରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।



ଏସ୍.କେ ଖଲିଲୁର ରେହେମାନ
କଟକ, 9861063412

ମୁଁ କର୍କଟ ରୋଗରେ ପୀଡ଼ିତ, ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ଯାଇଥିଲି । ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସୋମନାଥଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ହସ୍ପିଟାଲରେ ମୋତେ ସାହାଯ୍ୟ କରିବା ସହିତ କାଉଣ୍ଟରରୁ ଔଷଧ ଯୋଗାଡ଼ କରି ଦେଇଥିଲେ ।



**ପଞ୍ଚୁ ପାଣ୍ଡେ**
**ବଲାଙ୍ଗୀର**, 720519086

ମୋ ଭାଇ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ, ଯିଏକି ଦୁର୍ଭାଗ୍ୟବଶତଃ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ମୃତଦେହ ଘରକୁ ଫେରାଇ ନେବାକୁ ମୁଁ ଆର୍ଥିକ ଚାପରେ ଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସନ୍ତୋଷଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋ ଭାଇଙ୍କ ମୃତଦେହ ଘରକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ ।



**କୁମାର ଖୁଣ୍ଟିଆ**
**ଜଗତସିଂହପୁର**, 9438045747

ମୋ ବାପାଙ୍କର ହାର୍ଟ ଅସ୍ତ୍ରୋପଚାର ପାଇଁ ବିଶାଖାପାଟଣାସ୍ଥିତ ଇଣ୍ଡସ ହସ୍ପିଟାଲକୁ ସ୍ଥାନାନ୍ତର ହେବାକୁ ପରାମର୍ଶ ଦିଆଯାଇଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ହସ୍ପିଟାଲରେ ଅସ୍ତ୍ରୋପଚାର ସମୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।



**ମୋହନ ଚନ୍ଦ୍ର କଣ୍ଡପଣ**
**କୋରାପୁଟ**,7077110934

ମୋର ପିଠିରେ ପ୍ରବଳ ଯନ୍ତ୍ରଣା ହେଉଥିବାରୁ ମୁଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲକୁ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଶୁଭମଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋତେ ହସ୍ପିଟାଲରେ ଡାକ୍ତରଙ୍କ ପରାମର୍ଶ ନେବାରେ ସାହାଯ୍ୟ କରିବା ସହିତ ଔଷଧ କାଉଣ୍ଟରରୁ ଔଷଧ ପାଇବାରେ ସାହାଯ୍ୟ କରିଥିଲେ ।



ମାଳତି ସିଂହ
ମୟୂରଭଞ୍ଜ, 7325822140

ମୁଁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବିଶ୍ୱଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ହସ୍ପିଟାଲରେ ମୋତେ ଆବଶ୍ୟକୀୟ ସାହାଯ୍ୟ ଯୋଗାଇ ଦେବା ସହିତ ଔଷଧ କାଉଣ୍ଟରରୁ ଔଷଧ ପାଇବାରେ ସାହାଯ୍ୟ କରିଥିଲେ ।



ପ୍ରଭାତୀ ନଳିନୀ ଦାସ
ପୁରୀ, 9778180738

ମୋ ପତ୍ନୀଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ସମୟରେ ତାଙ୍କ ପାଇଁ ରକ୍ତର ଆବଶ୍ୟକତା ଥିଲା । ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଆଲୋକ ମୋତେ ୨ ୟୁନିଟ୍ ରକ୍ତ ଯୋଗାଡ଼ କରିଥିବାରୁ ମୁଁ ତାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ।



ଗଙ୍ଗାଧର ସାହୁ
ପୁରୀ, 9337247238

ମୁଁ ଚକ୍ଷୁ ସଂକ୍ରମଣରେ ପୀଡିତ ହୋଇ ଭବାନୀପାଟଣା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲି । ସେଠାରେ ଡାକ୍ତରଙ୍କ ପରାମର୍ଶ ନେବାରେ ଏବଂ କାଉଣ୍ଟରରୁ ଔଷଧ ପାଇବାରେ ମୋତେ ସାହାଯ୍ୟ କରିଥିବାରୁ ମୁଁ ହିମାଂଶୁଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି।



ବିଶ୍ୱନାଥ ଚାଟାର୍ଜି
ଭବାନୀପାଟଣା, 7008135518

ଦୀର୍ଘ ଦିନର ସଂକ୍ରମଣ ହେତୁ ମୋର ଗୋଡ଼ କାଟି ଦିଆଯାଇଥିଲା ଏବଂ ମୁଁ ଏକ କୃତ୍ରିମ ଗୋଡ଼ ଆବଶ୍ୟକ କରୁଥିଲି । କ୍ୟାପିଟାଲ୍ ହସ୍ପିଟାଲ ପରିସରଭୁକ୍ତ ଏ.ଆର୍.ସି ମାଧ୍ୟମରେ ଏକ କୃତ୍ରିମ ଅଙ୍ଗ ପାଇବାରେ ମୋତେ ସାହାଯ୍ୟ କରିଥିବାରୁ ମୁଁ ଓଡିଶା- ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଉଛି ।



**ସୁକାନ୍ତି ମୁଣ୍ଡା**
**ଭଦ୍ରକ**

# ଓଡ଼ିଶା-ମୋ ପରିବାର କାର୍ଯ୍ୟକ୍ରମ
# ଯୋଗାଯୋଗ ପାଇଁ ଜରୁରୀ ନମ୍ବର

### ଚକ୍ଷୁ ପରୀକ୍ଷା ଶିବିର

ଚକ୍ଷୁ ପରୀକ୍ଷା ଶିବିର କରିବା ଏବଂ ମୋତିଆବିନ୍ଦୁ ସମସ୍ୟାଥିବା ବ୍ୟକ୍ତିଙ୍କ ପାଇଁ ମାଗଣା ଅସ୍ତ୍ରୋପଚାର କରିବାରେ ସାହାଯ୍ୟ କରିବା

ମନସ୍ୱିନୀ ଦାଶ 8917400700
ଶ୍ରଦ୍ଧା ସୁଚିସ୍ମିତା 7978260364

### କୃତ୍ରିମ ଅଙ୍ଗ ପ୍ରଦାନ

ଅଭାବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାରେ ସହାୟତା

ମନସ୍ୱିନୀ ଦାଶ 8917400700

### ଅଙ୍ଗଦାନ

NOTTO (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍) ର ସହଯୋଗରେ ଅଙ୍ଗଦାନ ଶିବିର ଆୟୋଜନ କରିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

### ଜୱାନଙ୍କୁ ସହାୟତା

ପ୍ରତିରକ୍ଷା ସେବା ତଥା ରାଜ୍ୟ ବାହାରେ ପୋଷ୍ଟିଂ ହୋଇଥିବା ସାମରିକ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମ୍ମୁଖୀନ

ଶ୍ରଦ୍ଧା ସୁଚିସ୍ମିତା 7978260364

### ପରିବେଶ ସୁରକ୍ଷା

ବୃକ୍ଷରୋପଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନା

ମନସ୍ୱିନୀ ଦାଶ 8917400700

### ଦିବ୍ୟାଙ୍ଗ ଶିଶୁମାନଙ୍କୁ ସହାୟତା

୩ ରୁ ୧୪ ବର୍ଷର ଦିବ୍ୟଙ୍ଗ ଶିଶୁ ମାନଙ୍କୁ SIEP ରେ ଚିକିତ୍ସାର ବ୍ୟବସ୍ଥା କରାଇଦେବା

ମାନସୀ ରାୟ 9078151969
ଶ୍ରଦ୍ଧା ସୁଚିସ୍ମିତା 7978260364

### ବୃତ୍ତିଗତ ପରାମର୍ଶ ଓ ଦିଗଦର୍ଶନ

ବୃତ୍ତିଗତ ସୁଯୋଗ କ୍ଷେତ୍ରରେ ଆଶାୟୀ ଯୁବକ ଯୁବତୀମାନଙ୍କୁ ପରାମର୍ଶ ଓ ଦିଗ୍-ଦର୍ଶନ ପ୍ରଦାନ କରିବା

ମନସ୍ୱିନୀ ଦାଶ 8917400700

### ଡିପୋଜିଟାରୀ

ଓଡ଼ିଶା-ମୋ ପରିବାର ଅନୁକୂଲ୍ୟରେ ଆୟୋଜନ ହେଉଥିବା କାର୍ଯ୍ୟକ୍ରମର ଗୁଡ଼ିକର ଫଟୋ ଏବଂ ଭିଡ଼ିଓ ପଠାଇବା ପାଇଁ

ବିଭୂତି କୁମାର ଭୋଇ 9040458180



## ପ୍ରବାସୀଙ୍କୁ ସହାୟତା

ପ୍ରବାସୀ ମାନଙ୍କ ବୟସ୍କ ମାତାପିତା ତଥା ପିଲାମାନଙ୍କର ହଠାତ୍ ସ୍ୱାସ୍ଥ୍ୟଗତ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସମସ୍ୟାରେ ଆମ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ସହାୟତା ପ୍ରଦାନ

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

## ବି.ଏସ.କେ.ୱାଇ

ପଞ୍ଜିକୃତ ହୋଇଥିବା ହସ୍ପିଟାଲଗୁଡ଼ିକ ସହିତ ସଂଯୋଜନା ଏବଂ ବୈଷୟିକ ତ୍ରୁଟିରୁ ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ କରି BSKY ରେ ଚିକିତ୍ସା ପାଇବାକୁ ଯୋଗ୍ୟ ହିତାଧିକାରୀମାନଙ୍କୁ ସାହାଯ୍ୟ ।

ସୁବ୍ରତ ପାତିକା 9937699051
ମାନସୀ ରାୟ 9078151969

## ସ୍ୱାସ୍ଥ୍ୟସେବା

### ପ୍ରମୁଖ ଡାକ୍ତରଖାନାରେ ହେଲ୍ପଡେସ୍କ

**ଏସ୍.ସି.ବି.ମେଡ଼ିକାଲ, କଟକ**
ସନ୍ଦୀପ ରଥ - ୯୭୭୮୭୭୪୭୭୭
ସନ୍ତୋଷ କୁମାର ଦାସ - ୯୮୬୧୭୦୮୭୨୫

**କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର**
ଆଲୋକ ରଞ୍ଜନ ସାହୁ - ୮୧୧୪୮୨୨୦୮୫
ଜ୍ୟୋତିରଞ୍ଜନ ପ୍ରଧାନ- ୯୮୬୧୩୦୬୦୯୬

**ସମ୍ ହସ୍ପିଟାଲ, ଭୁବନେଶ୍ୱର**
ଶିବ ପ୍ରସାଦ ରାଉତ - ୭୯୭୮୭୩୬୪୩୧

**ଏମସ୍, ଭୁବନେଶ୍ୱର**
ସୋମନାଥ ସ୍ୱାଇଁ - ୭୨୦୫୭୪୩୫୦୭

**ହାଇ-ଟେକ୍ ମେଡ଼ିକାଲ, ଭୁବନେଶ୍ୱର**
ବିକାଶ ବେହେରା - ୬୩୭୧୯୬୩୮୯୭

**ଡି.ଏଚ୍.ଏଚ୍. ଭବାନୀପାଟଣା**
ରୋଜାଲିନ ପଣ୍ଡା - ୭୭୪୯୦୩୦୪୭୦
ହିମାଂଶୁ ନାୟକ - ୯୧୭୮୭୨୧୧୯୭

**ଏସ୍.ଏଲ୍.ଏନ୍.ଏମ୍.ସି.ଏଚ୍., କୋରାପୁଟ**
ବୈକୁଣ୍ଠ ମଣ୍ଡଳ- ୮୭୬୩୭୩୦୫୮୭

**ଏମ୍.କେ.ସି.ଜି. ବ୍ରହ୍ମପୁର**
ଗିରିଜା ଶଙ୍କର ସତପଥୀ-୯୭୭୬୮୭୮୪୮୩

**ଭିମସାର, ବୁର୍ଲା**
ଧିରେନ୍ଦ୍ର ସୁନା- ୮୦୧୮୭୬୧୦୬୦
ନରେନ୍ଦ୍ର ସୁନା- ୯୩୩୭୯୫୯୬୩୪

**ଡି.ଏଚ୍.ଏଚ୍., ପୁରୀ**
ବିଶ୍ୱ ଭୂଷଣ ମହାନ୍ତି- ୯୩୩୭୬୦୦୭୭୫

**ବିଶାଖାପାଟଣା**
ପ୍ରକାଶ ବେହେରା-୯୭୦୧୯୯୪୮୬୮

**ଏଫ୍.ଏମ୍.ଏମ୍.ସି.ଏଚ୍.,ବାଲେଶ୍ୱର**
ମୃତ୍ୟୁଞ୍ଜୟ ମହାରଣା-୭୯୭୮୫୬୨୩୬୫

**ପି.ଆର୍.ଏମ୍.ଏମ୍.ସି.ଏଚ୍, ବାରିପଦା**
ଶୁଭମ୍ ଭଞ୍ଜ - ୮୯୧୭୩୬୧୫୪୫

### ଅଫିସ୍ ସଂଯୋଜକ
ମନସ୍ୱିନୀ ଦାଶ - 8917400700

## ଜୀବନବିନ୍ଦୁ

ଅଭାବୀ ରୋଗୀଙ୍କୁ ବିରଳ ଗ୍ରୁପ୍ ରକ୍ତ ଯୋଗାଇବା ସହିତ ରକ୍ତଦାନ ସମ୍ବନ୍ଧୀୟ ବ୍ୟାପାର

ରଜତ ଅଗ୍ରୱାଲ 9437067999
ଚିତ୍ତ ରଂଜନ ମିଶ୍ର 8917400701

## ଏସ୍ ଓ ଏସ୍ (SOS)

ଅସହାୟ ଲୋକଙ୍କ ଜରୁରୀ କଲ୍ ପାଇ ସେମାନଙ୍କ ପାଖରେ ପହଞ୍ଚିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

## କ୍ୟାନସର ରୋଗୀଙ୍କୁ ସହାୟତା

କ୍ୟାନସର ରୋଗୀମାନଙ୍କୁ ସ୍ଥାନୀୟ ଏବଂ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାପାଇଁ ସଂଚାଳନ କରିବା

ଦେବଶ୍ରୀ ଦାସ 7504986342
ରଜତ ଅଗ୍ରୱାଲ 9437067999



## ସହାୟତା ପାଇଁ ଟୁଇଟ୍

ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ ଯଥାସମ୍ଭବ ପ୍ରୟାସ

ମନସ୍ୱିନୀ ଦାଶ 8917400700